# Akashvani, Sambalpur

## SAMBALPURI NEWS EVENING BULLETIN

**14 June 2024- 7.02 pm- 7.12 pm.**

*******************************************

୧- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ବସ୍‌ଲା ବରିଷ୍ଠ ଅଧିକାରୀମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ।

- ରାଏଜେ ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ସୂଚ୍‌ନା ଦେଲେ ମୁଖ୍ୟ ଶାସନ୍ ସଚିବ ।

୨- ବିଜେଡ଼ିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ୧୭ ନମ୍ବର୍ ଓଡ଼ିଶା ବିଧାନ୍‌ସଭାର କାମଚଳା ବାଚସ୍ପତି ଭାବେ ନେଲେ ଶପଥ୍ ।

୩- କୃଷିଭିତିକ ଗଣପର୍ବ ରଜ ଅବ୍‌ସରେ ସାରା ରାଏଜ୍ ଉତ୍ସବ୍‌ମୁଖର ।

- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଆଉ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ଜନାଲେ ଶୁଭେଚ୍ଛା ।

ଆଉର୍

୪- ରକ୍ତଦାନ୍‌ର ମହତ୍ୱ ଆଉ ରକ୍ତଦାନ୍‌କେ ତହଁକାବାର୍ ଲାଗି ଆଏଜ୍ ସାରା ପୁରଥି ନ ପାଳନ୍ କରାଯାଉଛେ ବିଶ୍ୱ ରକ୍ତଦାତା ଦିବସ୍ ।

ମୁଖ୍ୟମନ୍ତ୍ରୀ- ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାରେ ଆଏଜ୍ ବରିଷ୍ଠ ଅଧିକାରୀମାନ୍‌କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । ଇ ବୈଠକ୍‌ଥି ଉପ- ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଉପସ୍ଥିତ୍ ଥିଲେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ, ଉନ୍ନୟନ୍ କମିଶନର୍, ସ୍ୱାସ୍ଥ୍ୟସଚିବ, ଅର୍ଥ ସଚିବ ଉପସ୍ଥିତ୍ ରହିକରି ରାଏଜେ ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସ୍ଥିତି ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କୁ ଜନେଇଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା କହିଛନ୍ ଯେ....
(ଭଏସ୍ ଓଭର୍- ପ୍ରଦୀପ୍ କୁମାର୍ ଜେନା)

କାମଚଲା ବାଚସ୍ପତି ଆର୍‌ଏନ୍‌ୟୁ/ କଟକ୍

ବିଜେଡ଼ିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ୧୭ ନମ୍ବର୍ ଓଡ଼ିଶା ବିଧାନ୍‌ସଭାର କାମଚଲା ବାଚସ୍ପତି ଭାବେ ଆଏଜ୍ ଶପଥ୍ ନେଇଛନ୍ । ରାଜଭବନ୍‌ର ଅଭିଷେକ୍ ହଲ୍ ନ ହେଇଥିବା ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ ଶ୍ରୀ ସ୍ୱାଇଁଙ୍କୁ ପଦ ଆଉ ଗୋପନୀୟତାର ଶପଥ୍ ପାଠ୍

କରେଇଛନ୍ । ଆଏବା ୧୮ ଆଉ ୧୯ ତାରିଖ୍ ଦିନ ନୂଆଁକରି ନିର୍ବାଚିତ୍ ହେଇଥିବା ବିଧାୟକ୍‌ମାନ୍‌କୁ କାମଚଲା ବାଚସ୍ପତି ଶ୍ରୀ ସ୍ୱାଇଁ ପଦ ଆଉ ଗୋପନୀୟତାର ଶପଥ୍ ପାଠ୍ କରାବେ । ଆଏବା ୨୦ ତାରିଖ୍ ଦିନ ଓଡ଼ିଶା ବିଧାନ୍‌ସଭା ବାଚସ୍ପତି ବଛାଯିବେ ବଲି ଆମର୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା ଜନେଇଛନ୍ । ସେଆଡ଼େ ଇ ମାସର୍ ୨୬ ତାରିଖ୍ ଦିନ ଲୋକ୍‌ସଭା ବାଚସ୍ପତି ପଦ୍ ଲାଗି ଭୋଟ୍ ହେବା ବଲି ରାଷ୍ଟ୍ରପତିଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ରାଷ୍ଟ୍ରପତି ସଂସଦ୍‌ର ଦୁହି ଗୃହକେ ଆଏବା ୨୭ ତାରିଖ୍ ଦିନ ସମ୍ବୋଧନ୍ କର୍‌ବେ । ଇତାର୍ ଆଘୋନୁ କାମଚଲା ବାଚସ୍ପତି ଆଏବା ୨୪ ଆଉ ୨୫ ତାରିଖ୍ ଦିନ ନୂଆଁକରି ନିର୍ବାଚିତ୍ ହେଇଥିବା ଲୋକ୍‌ସଭା ସାଂସଦ୍ ମାନ୍‌କୁ ଶପଥ୍ ପାଠ୍ କରାବେ ।

ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍‌ଧାନୀର୍ ଭିନ୍ ଭିନ୍ ଜାଗା ନ ଥିବା ବରପୁତ୍ରମାନ୍‌କର୍ ପ୍ରତିମୂର୍ତ୍ତିଥି ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଲି ଦେଇଛନ୍ । ବକ୍ସି ଜଗବନ୍ଧୁ, ଚାଖି ଖୁଂଟିଆ, ଜୟୀ ରାଜଗୁରୁ, ଡକ୍ଟର୍ ବି.ଆର୍. ଆମ୍ବେଦକର୍ ଆର୍ ରାଜେନ୍ଦ୍ର ନାରାୟଣ୍ ସିଂହଦେଓଙ୍କର୍

ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଫୁଲ୍‌ମାଲ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦେଶର୍ ସ୍ୱାଧୀନତା, ସ୍ୱତନ୍ତ୍ର ଉହଲ୍ ପ୍ରଦେଶ୍ ଗଠନ୍ ଆଉ ଓଡ଼ିଆ ଅସ୍ମିତାର୍ ସୁରକ୍ଷାଥି ଇ ବରପୁତ୍ରମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଛେ । ରାଜ୍ୟ ସର୍‌କାର୍ ଓଡ଼ିଆ ଅସ୍ମିତାର୍ ସୁରକ୍ଷା ଉପ୍‌ରେ ଜୋର୍ ଦେଇକରି କାର୍ଯ୍ୟକ୍ରମ୍ ମାନ୍ ହାତ୍‌କେ ନଉଛନ୍ । ଆଏବା ଦିନେ ଇ ଧାରା ଜାରି ରଖିବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ୨ ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା ଆଉ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ବିଧାୟକ୍, ବିଧାୟିକା ମାନେ ଉପସ୍ଥିତ୍ ଥିଲେ ।

ଜୁଏଲ୍ ଓରାମ୍ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଦାୟିତ୍ୱ

ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ଜୁଏଲ୍ ଓରାମ୍ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର୍ ଦାୟିତ୍ୱ ନେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପହେଲା ପାଲି ୨୦୧୪ ମସିହାଥି ଭିଲ୍ ଶ୍ରୀ ଓରାମ୍‌ଙ୍କୁ ଆଦିବାସୀ ମନ୍ତ୍ରଣାଳୟର୍ ଦାୟିତ୍ୱ ଦିଆଯାଇଥିଲା । ବାଜପେୟୀ ସର୍‌କାର୍‌ଙ୍କର୍ ଅମଲ୍‌ଥି ୧୯୯୯ ମସିହାଥି ପହେଲା ଇ ମନ୍ତ୍ରଣାଳୟ ଆରମ୍ଭ୍

ହେଇଥିବାର୍ ବେଲେ ଶ୍ରୀ ଓରାମ୍ ଇତାର୍ ପହେଲା ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ୩ ନମ୍ବର୍ ଥର୍ ଲାଗି ଜୁଏଲ୍ ଓରାମ୍ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର୍ ଦାୟିତ୍ୱ ନେଇଛନ୍ । ଆଦିବାସୀ ମାନ୍‌କର୍ ସର୍ବାଙ୍ଗୀନ ଉନ୍ନତି ଲାଗି କାମ୍ କର୍‌ବେ ବଲି ଶ୍ରୀ ଓରାମ୍ କହିଛନ୍ ।

ରଜ ଆର୍‌ଏନ୍‌ୟୁ କଟକ୍/ନୂଆପଡ଼ା, ଦେବ୍‌ଗଡ୍, ବୌଦ୍ଧ

ରାଜ୍ୟର୍ କୃଷିଭିତିକ ଗଣପର୍ବ ରଜ ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଏବା କାଏଲ୍ ରଜ ସଂକ୍ରାନ୍ତି ଆଉ ତାର୍ ଆରଦିନ ଭୂମିଦହନ୍ ପାଲନ୍ କରାଯିବା । ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ ମାଏଟ୍‌ର ପ୍ରଜନନ ଶକ୍ତି ବଢ଼୍‌ସି । ସେଥିର୍‌ଲାଗି ଇ ତିନ୍ ଦିନ ଜମିଥି ଭୂମିକର୍ଷଣ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ଗାଁ ନୁ ସହେର୍‌ତକ୍ ରଜ ପର୍ବ ପାଲନ୍ କରାଯାଏସି । ରଜପର୍ବଥି ଟୁକେଲ୍ ମାନେ ନୂଆଁ ପୋଷାକ୍ ପିନ୍ଧିକରି ଦୁଲି ଖେଲିଥିସନ୍ । ଇ ଅବ୍‌ସରେ ପିଠାପନା ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଏସି । ରଜପର୍ବର୍ ୪ ନମ୍ବର୍ ଦିନ ବସୁମତି ସ୍ନାନ କରାଯାଇକରି ଇ ପର୍ବ ଶେଷ୍ ହେସି ।

ରଜ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ଯେ, ମାଟି ଆଉ ମେଘକେ ସମ୍ମାନ୍ ଜନେଇକରି ପିଠା, ମିଠା, ପାନ୍ ଆର୍ ଦୁଲି ଖେଲ୍ ଜରିଏ ଓଡ଼ିଶାର୍ ଜନସାଧାରଣ୍ ଇ ପର୍ବକେ ଉସ୍‌ନାକିର୍ ସହେତେ ପାଲନ୍ କରିଥିସନ୍ । କୃଷିଭିତିକ ରଜପର୍ବ ଉପଲକ୍ଷେ ରାଷ୍ଟ୍ରପତି ଦେଶ୍‌ବାସୀଙ୍କର୍ ସୁଖ ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ । ପହେଲା ଥର୍ ଲାଗି ରାଷ୍ଟ୍ରପତି ଭବନ୍ ପରିସର୍ ନ ରଜପର୍ବର୍ ଆୟୋଜନ୍ କରାଯାଇଛେ ।

ରଜ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରଜ ଆମର୍ ଓଡ଼ିଆ ସଂସ୍କୃତିର ଗୁଟେ ମହାନ୍ ଗଣପର୍ବ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ରଜ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ରଜକେ ପ୍ରକୃତି, ନାରୀ ଆଉ ଧରିତ୍ରୀକେ ପୂଜା କର୍‌ବାର୍ ଆଉ ସମ୍ମାନ୍ ଜନାବାର୍ ଗୁଟେ ଅନନ୍ୟ ପରମ୍ପରା ବଲି କହିଛନ୍ ।

ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ରଜ ପର୍ବ ପାଲନ୍ କରାଯାଉଛେ । ନୂଆଁ ପୋଷାକ ପିନ୍ଧିକରି ଝିଅମାନେ ଉସ୍‌ନାକିଥି ଦୁଲି ଖେଲିକରି ରଜଗୀତ ଗାଉଛନ୍ । ଦେବ୍‌ଗଡ୍ ଜିଲ୍ଲା ନ ରଜପର୍ବ ଅବ୍‌ସରେ ଜମିଥି ଆଏଜ୍ ହଲ ନାଇଁ ଚଲେଇକରି ଘରେ

ଘରେ ପିଠାପନା, ନୂଆଁ କପଡ଼ା ପିନ୍ଧିକରି ଦୁଲି ଖେଲିକରି ରଜପର୍ବ ପାଲନ୍ କରୁଛନ୍ । ଇତାର୍‌ସହେତେ ଜିଲ୍ଲାର୍ ତିଲେଇବଣି ଆଉ ବାର୍‌କୋଟ୍ ବ୍ଲକ୍‌ର କେତେଟା ଗାଁ ନ ଜାକ୍‌ଜମକ୍‌ଥି କଣ୍ଢେଇ ବାହାଘର୍ କରାଯାଉଛେ । କଣ୍ଢେଇ ବିହାଘର୍ ଅବ୍‌ସରେ ଭୁଜିଭାତ୍ ଆୟୋଜନ୍ କରାଯିବାର୍ ପରମ୍ପରା ବହୁତ୍‌ଦିନୁ ଚାଲିଆସୁଛେ ।

ରଜ ଉତ୍ସବ୍ ଲାଗି ଆଏଜ୍ ବୌଦ୍ଧ ଜିଲ୍ଲା ଗଜ୍‌ଗଜଉଛେ । ଖାସ୍ କରି ବୌଦ୍ଧ ସହର୍ ଆଉ ହର୍‌ଭଙ୍ଗା ବ୍ଲକ୍‌ର ଗାଁମାନ୍‌କେ ଉସ୍‌ନାକିଥି ପହିଲି ରଜ ଉତ୍ସବ୍ ପାଲନ୍ କରାଯାଉଛେ । ଧରିତ୍ରୀ ମାତା ରଜସ୍ୱାଲା ହେବାର୍ ପ୍ରଥା ଅନ୍‌ସାରେ ଚାଷୀ ଜମିଥି ହଲ୍ କାମ୍ ବନ୍ଦ୍ କରିଛେ ।

ବିଶ୍ୱ ରକ୍ତଦାତା ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର/ ବୌଦ୍ଧ

ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ । ରକ୍ତର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନେ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆର୍ ଆନ୍ତର୍ଜାତୀୟ ରେଡ଼କ୍ରସ୍ ସଂସ୍ଥା ୨୦୦୫ ମସିହାନୁ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରୁଛେ । ରକ୍ତ ଗ୍ରୁପ୍‌ର ଉଦ୍ଭାବନ କରିଥିବା ଡାକ୍ତର୍ ଲ୍ୟାଣ୍ଡଷ୍ଟେନର୍‌ଙ୍କର୍ ସ୍ମୃତିଥି ତାଙ୍କର୍ ଜନମ୍ ଦିନ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ରକ୍ତ

ଅଭାବ୍‌ର ମୁକାବିଲା ଲାଗି ସୁସ୍ଥ ଲୋକ୍‌ମାନେ ଖେପ୍ ଖେପ୍ କରି ନିୟମିତ ରକ୍ତଦାନ୍ କର୍‌ବାର୍ ଜରୁରୀ ଆଏ । ଇ ବଛର୍‌ର ବାର୍ତା ହେଉଛେ "୨୦ ବର୍ଷ ପାଲନ୍- ରକ୍ତଦାତାଙ୍କୁ ଧନ୍ୟବାଦ" । ଇ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ ସର୍‌କାରୀ ଆଉ ବେସର୍‌କାରୀସ୍ତର୍‌ଥି ରକ୍ତଦାନ୍ ଶିବିର ଆଉ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ବାର୍ତାଥି ସବୁ ରକ୍ତଦାତାମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲା ତାଲିମ୍ କେନ୍ଦ୍ର ଠାନେ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ଉତ୍ସବ୍‌ଥି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ବି.କେ. ଆର୍.ସି. ହେମ୍ବ୍ରମ୍, ଡାକ୍ତର୍ କିଶୋର୍ ଚନ୍ଦ୍ର ପଟ୍ଟନାୟକ୍ ଯୋଗ୍ ଦେଇକରି ରକ୍ତଦାନ୍‌ର ମହତ୍ୱ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ରକ୍ତଦାନ୍ କରିଥିବା ସମାଜ୍‌ସେବୀ ଆଉ ଅନୁଷ୍ଠାନ୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସ୍ନାନଯାତ୍ରା, ରଥଯାତ୍ରା ପ୍ରସ୍ତୁତି ବୈଠକ୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଶ୍ରୀଜୀଉମାନ୍‌କର୍ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଆଏବା ୨୨ ତାରିଖ୍ ଦିନ ହେବା । ଇଥିର୍‌ଲାଗି ପୁରୀ

ଜିଲ୍ଲାପାଳ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁଙ୍କର୍ ଅଧ୍ୟକ୍ଷତାଥି ସ୍ଥାନୀୟ ସର୍କିଟ୍ ହାଉସ୍ ନ ଆଏଜ୍ ଗୁଟେ  ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦେବସ୍ନାନ ପୂର୍ଣ୍ଣିମା ଆଉ ରଥଯାତ୍ରାକେ ସୁରୁଖୁରୁଥି ପରିଚାଳନା କର୍‌ବାର୍ ଲାଗି ଜିଲ୍ଲାପାଳ୍ ଭିନ୍ ଭିନ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଦେବସ୍ନାନ ପୂର୍ଣ୍ଣିମା ଆର୍ ରଥଯାତ୍ରାଥି ଆଘର୍ ବଛର୍‌ନୁ ଇଥର ଅଏତ୍‌କା ଭିଡ୍ ହେବାର୍ ସମ୍ଭାବନା ରହିଛେ ।

## ସୋନ୍‌ପୁର୍ - ଝାର୍‌ମୁଣ୍ଡା ଷ୍ଟେସନ୍- ସ୍ପିଡ୍‌ଟ୍ରାଏଲ୍

ସମ୍ବଲପୁର୍ ସମ୍ବାଦଦାତା

ଦକ୍ଷିଣ ପୂର୍ବାଂଚଲ୍ ସର୍କଲ୍ ରେଲ୍ ସୁରକ୍ଷା କମିଶନର୍ ବ୍ରିଜେଶ୍ କୁମାର୍ ମିଶ୍ର ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍‌ର ସୋନ୍‌ପୁର୍ - ଝାର୍‌ମୁଣ୍ଡା ଷ୍ଟେସନ୍ ଭିତ୍‌ରେ ନୂଆଁ ରେଲ୍‌ଲାଇନ୍‌ର କାମ୍ ଯାଂଚ୍ କର୍‌ବେ । ଆଏବାକାଏଲ୍ ସଖାଲର୍ ୮ ବଜେ ନୁ ଉପର୍‌ବେଲା ୬ ବଜେତକ୍ ଝାର୍‌ମୁଣ୍ଡାନୁ ସୋନ୍‌ପୁର୍ ଭିତ୍‌ରେ ସ୍ପିଡ୍ ଟ୍ରାଏଲ୍ କରାଯିବା । ଇ ସମିଆଥି ରେଲ୍‌ଲାଇନ୍ ଉପ୍‌ରେ ଯା’ଆସ୍ ନାଇଁ କର୍‌ବାର୍‌କେ ଲୋକ୍‌ମାନ୍‌କୁ ରେଲ୍‌ବାଇ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ବର୍‌ଗଡ଼୍- ଦୁର୍ଘଟଣା       ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଗାଇସିଲେଟ୍ ଥାନାର୍ ବୁରୋମୁଣ୍ଡା ପାଖେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ଝନେ ଜବର୍ ଜଖମ୍ ହେଇଛନ୍ । ଆଏଜ୍ ଉପର୍‌ବେଲା ୨ଟା ବାଇକ୍ ଭିତ୍‌ରେ ଧକ୍କା ହେଇକରି ଇ ଦୁର୍ଘଟଣା ଘଟିଛେ ଆଉ ପୁଲିସ୍ ଇତାର୍ ତଦନ୍ତ୍ କରୁଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଆର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ଗୁଟେ ନୁ ୨ ଟା ଜାଗା ନ ଆଏବା କାଏଲ୍‌ତକ୍ ଜବର୍ ଖରା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ଇତାର୍‌ଛଡ଼ା ଇ ଜାଗା ମାନ୍‌କେ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସହେତେ ଘଡ଼୍‌ଘଡ଼ି, ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବାରିପଦା ନ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ନ ୪୨ ଦଶ୍‌ମିକ୍ ୧, ଝାର୍‌ସୁଗୁଡ଼ା ନ ୪୧ ଦଶ୍‌ମିକ୍ ୯, ସୁନ୍ଦର୍‌ଗଡ଼୍ ନ ୪୧ ଦଶ୍‌ମିକ୍ ୬, ସମ୍ବଲ୍‌ପୁର୍

ନ ୪୦ ଦଶମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।